# ଶିବରାତ୍ରି

● ଗୋପବନ୍ଧୁ ଦାସ

## କବି ପରିଚୟ :

ପଣ୍ଡିତ ଗୋପବନ୍ଧୁ ଦାସ (୧୮୭୭-୧୯୨୮) ଓଡ଼ିଶାରେ 'ଉତ୍କଳମଣି' ରୂପେ ପରିଚିତ । ସେ ପୁରୀ ଜିଲ୍ଲାର ଭାର୍ଗବୀ ନଦୀକୂଳବର୍ତ୍ତୀ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଭଗବାନ ଦାସ ଥିଲେ ଜଣେ ସଂସ୍କୃତ ପଣ୍ଡିତ । ସେ ପିଲାଦିନରୁ ଥିଲେ ଧୀର, ସ୍ଥିର, ସତ୍ୟନିଷ୍ଠ, ଧର୍ମପ୍ରାଣ ଓ ନିର୍ଭୀକ । ବି.ଏ.ଓ.ବି.ଏଲ ପାଶ୍ କଲାପରେ ସେ କୌଣସି ସରକାରୀ ବୃତ୍ତି ନ କରି ଦେଶସେବା ଓ ଜନସେବାକୁ ଜୀବନର ବ୍ରତ କରିନେଲେ । ତାଙ୍କ ପାଖରେ ମାନବ ସେବା ହିଁ ଥିଲା ମାଧବ ସେବା । ଓଡ଼ିଶାର ମରୁଡ଼ି, ଦୁର୍ଭିକ୍ଷ ଓ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବୁଲି ବୁଲି ସେ ଦେବଦୂତ ପରି ଲୋକଙ୍କୁ ସାହାଯ୍ୟ କରୁଥିଲେ । ସତ୍ୟବାଦୀ ବନବିଦ୍ୟାଳୟ (୧୯୦୯) ଥିଲା ତାଙ୍କର ଏକ ଆଦର୍ଶ ବିଦ୍ୟାଳୟ । ସେ ମଧ୍ୟ 'ସତ୍ୟବାଦୀ' (୧୯୧୫) ଓ 'ସମାଜ' (୧୯୧୯) ପ୍ରକାଶ କରିଥିଲେ । ମହାତ୍ମାଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାରେ ଜାତୀୟ କଂଗ୍ରେସ କାର୍ଯ୍ୟକୁ ତ୍ୱରାନ୍ୱିତ କଲେ ଓ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ । ଓଡ଼ିଶାର ବିଚ୍ଛିନ୍ନାଞ୍ଚଳଗୁଡ଼ିକୁ ଓଡ଼ିଶା ସହିତ ମିଶାଇବା ପାଇଁ ଉଦ୍ୟମ କରିଥିଲେ । ସେ ମଧ୍ୟ ବହୁ କାବ୍ୟ କବିତା ଓ ଚିନ୍ତାମୂଳକ ପ୍ରବନ୍ଧ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ । ତାଙ୍କର କବିତା ପୁସ୍ତକମାନଙ୍କ ମଧ୍ୟରେ 'ବନ୍ଦୀର ଆତ୍ମକଥା', 'ଧର୍ମପଦ', 'ଗୋ ମାହାତ୍ମ୍ୟ', 'ନଚିକେତା', 'କାରାକବିତା', 'ଅବକାଶଚିନ୍ତା' ଆଦି ପ୍ରଧାନ । ତାଙ୍କର ପ୍ରବନ୍ଧଗୁଡ଼ିକ ସଂକଳିତ ହୋଇ ଗୋପବନ୍ଧୁ ରଚନାବଳୀ ନାମରେ ପ୍ରକାଶ ପାଇଅଛି ।

'ଶିବରାତ୍ରି' କବିତାଟି 'କାରାକବିତା'ରୁ ସଂଗୃହୀତ । ଜଡ଼, ଚେତନ ଶକ୍ତି ଓ ସତ୍ତା ମଧ୍ୟରେ ଏକତ୍ୱ ଅନୁଭବ, ହୃଦୟର ନିର୍ମଳତା ଓ ସେହି ହୃଦୟରେ ମଙ୍ଗଳମୟ ଈଶ୍ୱରଙ୍କ ଉପଲବ୍ଧି, ଦେବାଳୟ ନୁହେଁ, ନିଜ ଭିତରେ ଈଶ୍ୱରଙ୍କ ସଂଧାନ, ସମଗ୍ର ଜୀବନକୁ ଏକ ଶିବରାତ୍ରିରେ ପରିଣତ ଓ ସତତ ଉଜାଗର ରହି କର୍ତ୍ତବ୍ୟ ସଂପାଦନ ହିଁ ଉକ୍ତ କବିତାର ମର୍ମବାଣୀ ।

---

**କ**ରିଅଛି ଉପବାସ ପୂଜିବି ଶଙ୍କର
ଜାଗର ଜାଳିଣ ହେବି ନିଶି ଉଜାଗର ।
କାହିଁ ଗଲେ ଦେଖିବି ସେ ସତ୍ୟ ଶିବ ରୂପ
ନାଶିବି କି ଦୀପଜାଳି ଘୋର ତମ-ସ୍ତୂପ ?
ଉଜାଗର ରହିବାକୁ କାହିଁ ମୋର ବଳ
କି ଦ୍ରବ୍ୟେ ପୂଜିବି ଅବା ସେ ପଦ ଯୁଗଳ ?

ଏ ଜଡ଼ ଜଗତେ କାହିଁ ଚିଦାନନ୍ଦ ତନୁ
ବାହ୍ୟାଲୋକେ ଅନ୍ଧକାର ଯିବ କାହିଁ ମନୁ ?
ରାତ୍ରିକର ଉଜାଗରେ କିସ ପ୍ରୟୋଜନ ?
ନିଦ୍ରା ବିମୋହିତ ମୋର ସମସ୍ତ ଜୀବନ ।
କାହିଁ ପାରିଜାତ କାହିଁ ଜାହ୍ନବୀର ଜଳ
କାହିଁ ବା ଅମରଧାମ ହେମ ଶତଦଳ,
ଉପକରଣର ଲେଶ ନାହିଁ ଯେବେ ଭବେ
ବ୍ରତ ଅନୁଷ୍ଠାନ କାହୁଁ କରିବେ ମାନବେ ?
ସଂଦେହ ବ୍ୟାକୁଳ ଏ ମୋ ଦୁର୍ବଳ ପରାଣ
ନିରାଶ ବିଷାଦେ ଏବେ ମଗ୍ନ ମୋର ଜ୍ଞାନ,
ଅଶାନ୍ତି ଆବେଗେ ହୃଦ ହୁଏ ଆଲୋଡ଼ିତ
ଘୋର ଅବିଶ୍ୱାସ ତମେ ଚିତ୍ତ-ବିଜଡ଼ିତ ।
ପ୍ରକୃତିର ଚାରୁବେଶ ନ ଦେଖେ ନୟନ
ଭୀମ ମରୁସମ ଲାଗେ ସମସ୍ତ ଭୁବନ ।
ଅନ୍ତରୁ ନୀରବେ ଏବେ ହେଲା ଦିବ୍ୟ ବାଣୀ
କିମ୍ପା ଅବିଶ୍ୱାସେ ଜଡ଼ ହେଉ ମୂଢ଼ ପ୍ରାଣୀ ।
ଜଡ଼ ବୋଲି ଯାହା ତୋତେ ହୁଅଇ ପ୍ରତୀତ
ନ ଜାଣୁ ତହିଁ କି ଶକ୍ତି ରହିଛି ନିହିତ ।
ଶକ୍ତି ବିନା ସତ୍ତା କେବେ ନୁହଇ ସମ୍ଭବ
ତେଣୁ ସଦା ଶିବମୟ ଦେଖ ସର୍ବଭବ ।
ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ
ନିଜ ଅଭ୍ୟନ୍ତର ଦେଖ ଫେଡ଼ିଣ ନୟନ,
ହୃଦ-କପିଳାସେ ତୋର ବହେ ପ୍ରେମ ଝର
ବିଜେ କରିଛନ୍ତି ତହିଁ ସ୍ୱୟମ୍ଭୁ ଶଙ୍କର,
ଶୁଚିମନ୍ତ ହୋଇ ନିତି ଜ୍ଞାନ ଦୀପଜାଳି
ଶୁଦ୍ଧ ଭକ୍ତି ରସ ଦିଅ ସେ ଶ୍ରୀପାଦେ ଢ଼ାଳି,
ଉଜାଗର ରହି କର ତାଙ୍କ ପ୍ରିୟ କର୍ମ
ପାଇବାକୁ ବାଞ୍ଛା ଯେବେ ଶିବରାତ୍ରି-ଧର୍ମ ।
ସମସ୍ତ ଜୀବନ କର ଏକ ଶିବରାତ୍ରି
ଅନ୍ଧାରେ ନ ହୁଡ଼ ପଥ ହେ ସ୍ୱରଗଯାତ୍ରୀ ।

**ସୂଚନା :**

| | | | |
|---|---|---|---|
| ଶିବ | - ମଙ୍ଗଳ | ଶୁଚିମନ୍ତ | - ନିର୍ମଳ, ପବିତ୍ର |
| ଜାଗର | - ଶିବରାତ୍ରି ଉତ୍ସବ । | ନ ହୁଡ଼ | - ନ ଭୁଲ |
| ନିଶି | - ରାତ୍ରି | ଉଜାଗର | - ଚେଇଁ ରହିବା |
| ତମ | - ଅନ୍ଧାର | ଚିଦାନନ୍ଦ | - ଚୈତନ୍ୟ ଓ ଆନନ୍ଦସ୍ୱରୂପ ବ୍ରହ୍ମ |
| ତନୁ | - ଦେହ | ବ୍ରତ | - ଉପବାସ କରି ଇଷ୍ଟ ଲାଭ ପାଇଁ କରାଯାଉଥିବା କର୍ମ । |
| ଶତଦଳ | - ପଦ୍ମ | | |
| ଉପକରଣ | - ସରଂଜାମ, ଉପାଦାନ | ଜାହ୍ନବୀ | - ଗଙ୍ଗା |
| ଆଲୋଡ଼ିତ | - ଆନ୍ଦୋଳିତ | ହେମ | - ସୁବର୍ଣ୍ଣ |
| ଭୀମ | - ଭୟଙ୍କର | ବିଜଡ଼ିତ | - ନିବିଡ଼ ଭାବରେ ଜଡ଼ିତ |
| ପ୍ରତୀତ | - ବିଶ୍ୱାସ | ସର୍ବଭବ | - ସକଳ ସଂସାର |
| ନିହିତ | - ସ୍ଥାପିତ, ରକ୍ଷିତ | ସ୍ୱୟମ୍ଭୁ | - ସ୍ୱୟଂସୃଷ୍ଟ, ଯିଏ ନିଜ ଇଚ୍ଛାରେ ଶରୀର ଧାରଣ କରନ୍ତି । |
| ସତ୍ତା | - ଅସ୍ତିତ୍ୱ | | |
| ଫେଡ଼ିଣ | - ଖୋଲି | ବାଞ୍ଛା | - ଇଚ୍ଛା |

## ପ୍ରଶ୍ନାବଳୀ

**ସଂକ୍ଷିପ୍ତ ଉତ୍ତରମୂଳକ :**

୧. ପଠିତ କବିତାରେ ଜାଗର ଜାଳିବା ପାଇଁ କାହିଁକି କୁହାଯାଇଛି ?

୨. ଗୋଟିଏ ରାତି ଉଜାଗର ରହି ବ୍ରତ ପାଳନ କରିବାରେ କାହିଁକି କିଛି ପ୍ରୟୋଜନ ନାହିଁ ?

୩. ମଣିଷମାନେ କାହିଁକି ବ୍ରତ ଅନୁଷ୍ଠାନ କରିପାରିବେ ନାହିଁ ?

୪. ସମସ୍ତ ଭୁବନ କାହିଁକି କବିଙ୍କୁ ଭୟଙ୍କର ମରୁଭୂମି ମନେ ହୋଇଛି ?

୫. ଅନ୍ତର ଭିତରୁ କେଉଁ ଦିବ୍ୟବାଣୀ ପ୍ରକାଶ ପାଇଛି ?

୬. ସକଳ ସଂସାର କାହିଁକି ଶିବମୟ ମନେ ହୋଇଛି ?

୭. କେଉଁଠି ପ୍ରେମ-ଝର ପ୍ରବାହିତ ? ସେଠି କିଏ ବିଜେ କରିଛନ୍ତି ?

୮. ଶିବରାତ୍ରି ଧର୍ମ ପାଇବାକୁ ହେଲେ କ'ଣ କରିବାକୁ ହେବ ?

୯. ଅନ୍ଧାରେ ନ ହୁଡ଼ ବୋଲି କାହାକୁ କୁହାଯାଇଛି ?

୧୦. ଦୂର ଦେବାଳୟକୁ ଯାଇ କ'ଣ କରିବାକୁ କବି କହିଛନ୍ତି ?

୧୧. ଶିବଙ୍କୁ କାହିଁକି ସ୍ୱୟମ୍ଭୁ କୁହାଯାଏ ?

୧୨. କ'ଣ ନଥିଲେ ସତ୍ତା ସମ୍ଭବ ହୁଏ ନାହିଁ ?

୧୩. ସ୍ୱୟମ୍ଭୁ ଶଙ୍କର କେଉଁଠାରେ ବିଜେ କରିଛନ୍ତି ?

୧୪. ନୟନ ଫେଡ଼ି କ'ଣ ଦେଖିବାକୁ କବି କହିଛନ୍ତି ?

୧୫. ଶୁଚିମନ୍ତ ହୋଇ କ'ଣ ଜାଳିବାକୁ କବି ଉପଦେଶ ଦେଇଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୧୬. ରାତ୍ରିକର ଉଜାଗରେ କିସ ପ୍ରୟୋଜନ,
ନିଦ୍ରା ବିମୋହିତ ମୋର ସମସ୍ତ ଜୀବନ ।

୧୭. ପ୍ରକୃତିର ଚାରୁବେଶ ନ ଦେଖେ ନୟନ
ଭୀମ ମରୁ ସମ ଲାଗେ ସମସ୍ତ ଭୁବନ ।

୧୮. ଶକ୍ତି ବିନା ସତ୍ତା କେବେ ନୁହଇ ସମ୍ଭବ
ତେଣୁ ସଦା ଶିବମୟ ଦେଖ ସର୍ବ ଭବ ।

୧୯. ସମସ୍ତ ଜୀବନ କର ଏକ ଶିବରାତ୍ରି
ଅନ୍ଧାରେ ନ ହୁଡ଼ ପଥ ହେ ସ୍ୱରଗ ଯାତ୍ରୀ ।

**ଦୀର୍ଘ ଉତ୍ତରମୂଳକ :**

୨୦. 'ଶିବରାତ୍ରି' କବିତାର ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କର ।

୨୧. ପ୍ରଚଳିତ ରୀତିରେ ଶିବରାତ୍ରି ବ୍ରତ ପାଳନଠାରୁ କବିଙ୍କ ନିର୍ଦ୍ଦେଶିତ ବ୍ରତ ପାଳନ କିପରି ଭିନ୍ନ ଲେଖ ।

୨୨. ସମଗ୍ର ଜୀବନକାଳକୁ ଗୋଟିଏ ଶିବରାତ୍ରି କରିବା ପାଇଁ କବି କାହିଁକି କହିଛନ୍ତି, ବୁଝାଇ ଲେଖ ।

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୨୩. 'ବାସ' ଶବ୍ଦ ପୂର୍ବରୁ 'ଉପ' ଲାଗି 'ଉପବାସ' ହୋଇଛି । ତୁମେ ଏହିପରି ପାଞ୍ଚଟି ଶବ୍ଦ ମନେ ପକାଇ ଲେଖ ।

୨୪. ବିପରୀତାର୍ଥବୋଧକ ଶବ୍ଦ ଲେଖ ।
ବିଷାଦ, ନିରାଶ, ଅବିଶ୍ୱାସ, ଅଭ୍ୟନ୍ତର, ଭୀମ, ଜଡ଼, ସମ ।

୨୫. ନିମ୍ନଲିଖିତ ଶବ୍ଦମାନଙ୍କର ବିଶେଷଣ ରୂପ ଲେଖ ।
ଜାଗରଣ, ଆଲୋକ, ଅଶାନ୍ତି, ବାଞ୍ଛା, ଚାରୁତା ।

୨୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) କାହିଁ ବା __________ ହେମ ଶତଦଳ ।

(ଖ) ଶକ୍ତି __________ __________ କେବେ ନୁହଇ ସମ୍ଭବ ।

(ଗ) ସମସ୍ତ ଜୀବନ କର __________ __________ ।

(ବିନା, ଶିବରାତ୍ରି, ଅମରଧାମ, ସତ୍ତା, ଏକ )

୨୭. କବିତାରେ ବ୍ୟବହୃତ 'ହୃଦ-କପିଳାସେ' ର ଅର୍ଥ ନିମ୍ନୋକ୍ତ ଉତ୍ତରମାନଙ୍କ ମଧ୍ୟରୁ ବାଛି ଲେଖ ।

(କ) କପିଳାସ ପର୍ବତର ହୃଦୟରେ

(ଖ) ହୃଦୟ ରୂପକ କପିଳାସରେ

(ଗ) କପିଳାସରେ ରହୁଥିବା ବ୍ୟକ୍ତିର ହୃଦୟରେ

(ଘ) ହୃଦୟ ଓ କପିଳାସ ଉଭୟ ସ୍ଥାନରେ ।

୨୮. ନିମ୍ନଲିଖିତ ଅସଜଡ଼ା ଶବ୍ଦଗୁଡ଼ିକୁ ସଜାଡ଼ି ପଦଟିକୁ ଠିକ୍ ଭାବରେ ଲେଖ ।

(କ) ଜଗତେ ଚିଦାନନ୍ଦ କାହିଁ ତନୁ ଏ ଜଡ଼ ।

(ଖ) ଅବିଶ୍ୱାସ ଚିତ୍ତ ତମେ ବିଜଡ଼ିତ ଘୋର ।

(ଗ) ଜୀବନ ସମସ୍ତ କର ଶିବରାତ୍ରି ଏକ ।

୨୯. ନିମ୍ନଲିଖିତ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ପଠିତ କବିତାରୁ ବାଛି ତାଲିକା ପ୍ରସ୍ତୁତ କର ।

ଶରୀର, ଗଙ୍ଗା, ପଦ୍ମ, ଦୁଃଖ, ମନ୍ଦିର, ସୁନା

## ତୁମ ପାଇଁ କାମ :

୩୦. ଗୋପବନ୍ଧୁଙ୍କ କବିତା ସଂକଳନଗୁଡ଼ିକ ସଂଗ୍ରହ କରି ପଢ଼ ।

୩୧. ଗୋପବନ୍ଧୁଙ୍କ ଜୀବନୀ ପଢ଼ ।

୩୨. ଶିବଙ୍କର ବିଭିନ୍ନ ନାମ ସଂଗ୍ରହ କରି ଗୋଟିଏ ତାଲିକା ପ୍ରସ୍ତୁତ କର ।

❖❖❖